# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 12th June - 2025
**********************************

***BBSR/R***

## ବିକାଶ ବାହନ

ରାଜ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ବି.ଜେ.ପି. ସରକାର ଆଜି ୧ ବର୍ଷ ପୂରଣ କରିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଜି ଭୁବନେଶ୍ୱର ମହାତ୍ମାଗାନ୍ଧି ମାର୍ଗଠାରେ ରାଜ୍ୟସ୍ତରୀୟ ବିକାଶ ବାହନର ଶୁଭାରମ୍ଭ କରିବେ । ସରକାରଙ୍କଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ରାଜ୍ୟବାସୀଙ୍କୁ ଅବଗତ କରିବା ସହ ଅପହଞ୍ଚ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଖରେ ସରକାରୀ ଯୋଜନା ଓ ବିଭିନ୍ନ ଜନକଲ୍ୟାଣକାରୀ ସେବାଗୁଡ଼ିକୁ ପହଞ୍ଚାଇବା ଏହି ବିକାଶ ବାହନର ମୂଳଲକ୍ଷ୍ୟ ।

ମୁଖ୍ୟମନ୍ତ୍ରୀ ୧ ବର୍ଷ ପୂର୍ତ୍ତି ଅବ୍ୟବହିତ ପୂର୍ବରୁ ଗତକାଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି :

***Voice :..........***

***BBSR/R***

## ମୁଖ୍ୟମନ୍ତ୍ରୀ - ୧ ବର୍ଷ ପୂର୍ତ୍ତି

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ମୁଖ୍ୟମନ୍ତ୍ରୀ ଗତକାଲି ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ବିକାଶ ମେଳାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝୀ କହିଛନ୍ତି, ଗତ ୧ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ସରକାର ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ବାସ୍ତବତାରେ ପରିଣତ କରିଛନ୍ତି । ବିଶେଷକରି ଗରିବ ଚାଷୀ, ମହିଳା ଓ ଯୁବବର୍ଗଙ୍କ ସଶକ୍ତୀକରଣ ଦିଗରେ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

***Puri/R***

## ଅଲାରନାଥ

ପୁରୀରେ ପବିତ୍ର ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଚତୁର୍ଦ୍ଧାମୂର୍ତ୍ତି ଜ୍ୱରରେ ପୀଡ଼ିତ ହୋଇଛନ୍ତି । ଶ୍ରୀମନ୍ଦିରରେ ଆଜିଠାରୁ ଅଣସର ଗୁପ୍ତନୀତି ଆରମ୍ଭ ହୋଇଛି । ଅଣସର ସମୟରେ ପଟ୍ଟିଦିଅଁଙ୍କୁ ପୂଜା କରାଯିବାର ପରମ୍ପରା ରହିଛି । ସେହିଭଳି ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥଙ୍କ ପୀଠାରେ ଆଜିଠାରୁ ଦର୍ଶନ ଆରମ୍ଭ ହୋଇଛି । ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଛି ।

*Jajapur/R*

# ରାଜସ୍ୱ ଆୟୁକ୍ତ - ଯାଜପୁର ପରିଦର୍ଶନ

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଭି. ପରମେଶ୍ୱରନ୍ ଯାଜପୁର ଜିଲ୍ଲାରେ ବ୍ୟାପିଥିବା ଝାଡ଼ାବାନ୍ତି ରୋଗ ଓ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ୨୫୬ ଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସାଧୀନ ଅଛନ୍ତି । ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ନିମନ୍ତେ ପଠାଯାଇଛି । ବାହାର ଖାଦ୍ୟ ନ ଖାଇବା ଏବଂ ପାନୀୟ ଜଳରେ ହାଲୋଜିନ୍ ବଟିକା ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି ।

*BBSR/R*

# ଆବୁଧାବି - ବିମାନ ସେବା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଆଜିଠାରୁ ଆବୁଧାବିକୁ ସିଧାସଳଖ ବିମାନ ସେବା ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବିମାନ ଚଳାଚଳର ଶୁଭାରମ୍ଭ କରିବେ । ସୂଚନା

ଅନୁସାରେ, ଭୁବନେଶ୍ୱରରୁ ଆବୁଧାବିକୁ ପ୍ରତି ସପ୍ତାହରେ ବୁଧବାର, ଶୁକ୍ରବାର ଓ ରବିବାର ଦିନ ବିମାନସେବା ଉପଲବ୍ଧ ହେବ ।

***BBSR/R***

## ମୁଖ୍ୟମନ୍ତ୍ରୀ ସହାୟତା

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଞ୍ଚଳରେ ସାମ୍ପ୍ରଦାୟିକ ଗଣ୍ଡଗୋଳରେ ଆହତ ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସହାୟତା ଓ ଜଣକୁ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରିଛନ୍ତି ।

***Desk***

## ଯୁକ୍ତ ୩ ମେଧା ତାଲିକା

ରାଜ୍ୟରେ ଯୁକ୍ତ ୩ରେ ନାମଲେଖାପାଇଁ ଆଜି ପ୍ରଥମ ମେଧାତାଲିକା ପ୍ରକାଶ ପାଇବ । ଏଥିପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀ ୧୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ । ଆସନ୍ତା ୨୨ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ ।

*Bhadrak, Kendrapara/R*

# ସୁଶାସନ ପ୍ରଦର୍ଶନୀ

ରାଜ୍ୟ ସରକାରଙ୍କ ୧ ବର୍ଷ ପୂରଣ ଅବସରରେ ଭଦ୍ରକ ସହିଦ ସ୍ମୃତିଭବନ ଟାଉନ୍ ହଲ୍‌ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରଦର୍ଶନୀ ଆରମ୍ଭ ହୋଇଛି ।

ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାରେ ଆଜିଠାରୁ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

*Nuapada/R*

# ଗ୍ରାମ ଉତ୍କର୍ଷ ଅଭିଯାନ

ନୂଆପଡ଼ା ଜିଲ୍ଲାର ୨୬୦ଟି ଜନଜାତିବହୁଳ ଗ୍ରାମକୁ 'ଧର୍ତି ଆବା' ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଚିହ୍ନଟ କରାଯାଇଛି । କୋମନା, ନୂଆପଡ଼ା, ବୋଡେନ୍, ଖଡ଼ିଆଳ ଓ ସିନାପାଲି ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଆଜିଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ସଚେତନତା ଶିବିରମାନ ଅନୁଷ୍ଠିତ ହେବ ।

*BBSR/R*

# ଶ୍ରାବଣୀ - ସମ୍ବର୍ଦ୍ଧିତ

ଏସିଆନ୍ ଆଥ୍ଲେଟିକ୍ ଚାମ୍ପିୟନ୍ସିପ୍‌ରେ ରୌପ୍ୟ ପଦକ ହାସଲ କରିଥିବା ଓଡ଼ିଆ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରାବଣୀଙ୍କୁ ତାଙ୍କ ସଫଳତା ପାଇଁ ଅଢ଼େଇ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି ।

*Desk*

# ଶିଶୁ ଶ୍ରମିକ ନିରୋଧ ଦିବସ

ଶିଶୁ ନିର୍ଯାତନା ରୋକିବା, ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ସାରା ବିଶ୍ୱରେ ପାଳିତ ହେଉଛି ଶିଶୁ ଶ୍ରମିକ ନିରୋଧ ଦିବସ । ଶିଶୁଙ୍କୁ ତାଙ୍କର ନାଯ୍ୟ ଅଧିକାର ପ୍ରଦାନ କରିବା ଏବଂ ତାଙ୍କର ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ଜନସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୧୨ ତାରିଖରେ ଏହି ଦିବସ ପାଳନ କରାଯାଏ । ଚଳିତ ବର୍ଷ ଏହାର ବାର୍ତ୍ତା ରହିଛି "ବିକାଶ ନିର୍ଦ୍ଧାରିତ କିନ୍ତୁ ଏହାକୁ ତ୍ୱରାନ୍ୱିତ କରିବା ଲାଗି ପଦକ୍ଷେପ ଆବଶ୍ୟକ" । ଏହି ଉପଲକ୍ଷେ ଆଜି ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି ।

*Desk*

# ପାଣିପାଗ

ରାଜ୍ୟରେ ବର୍ଷାର ପ୍ରଭାବ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

*****